**ORISSA INFORMATION COMMISSION**
**BHUBANESWAR**
**Present: Shri Tarun Kanti Mishra,**
**State Chief Information Commissioner**
**Date: - 15th September, 2011**
**Complaint Case No.2164 / 2009**

ORISSA INFORMATION COMMISSION * BHUBANESWAR *

Bijaya Kumar Nayak,
Vill- Basant Patana,
PO-Birapratap pur
PS-Chandanpur,
District-Puri ..... ............................................... Complainant

**-Vrs-**

Public Information Officer,
Office of C.D.P.O.,
Puri Sadar, Puri ............................................Opposite Party

**Decision**

Both complainant Bijaya Kumar Nayak and the PIO, Office of CDPO, Puri Sadar, Puri are absent on call. However, the PIO is represented by Ajay Kumar Nayak, Advocate as she is engaged in disaster management following recent floods in Puri District. Though the notice was issued to the complainant as per the address given in his complaint petition under section 18, the same has returned with a remark of the postal authorities that he refused to accept the notice and hence the same is returned. Heard and perused records.

**2.** The Commission perused the complaint petition and the enclosure thereto. The complainant has not submitted the copy of the form-A application. Instead, he has given the list of queries appended to his request for information. The representative of the PIO however produced a copy of the form-A application submitted by the complainant and the same was perused. This appears to be an undated application. It was received on 29.10.2009. The queries made by the complainant are quoted verbatim below :

# CDPO, Puri ଙ୍କ କାର୍ଯ୍ୟାଳୟରୁ ସୂଚନା ସଂପର୍କେ

୧) ପୁରୀ ସଦର ବ୍ଲକରେ ଅଦ୍ୟାବଧି କେତେ ଅଙ୍ଗନୱାଡ଼ି, ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଅଛି, ପଞ୍ଚାୟତ ଓ୍ୱାରୀ ସଂଖ୍ୟା ଜଣାଇଦିଅ । ନୂତନ ଭାବେ କେତୋଟି କେନ୍ଦ୍ର ଖୋଲିବା ପାଇଁ ନିର୍ଦ୍ଦେଶନାମା ଓ କେନ୍ଦ୍ର ଗୁଡ଼ିକର ତାଲିକା DSWO ଙ୍କର କାର୍ଯ୍ୟାଳୟରୁ CDPO ଙ୍କ ଅଫିସ ଆସିଛି, ସେ ସମ୍ବନ୍ଧୀୟ ଚିଠି ଓ ତାଲିକାର ଜେରକ୍ସ ନକଲ ଯୋଗାଇଦିଅ । ତଦାରଖ ପାଇଁ CDPO ଙ୍କୁ ମିଶାଇ କେତେଜଣ Supervisor ଅଛନ୍ତି, ତାଙ୍କ ନାମ, Service area, Sanction Supervisor Post କେତେ । ନୂତନ ଭାବେ Supervisor ନିଯୁକ୍ତି କରିବାର ପ୍ରସ୍ତାବ ଅଛି କି ନାହିଁ ସେଥିପାଇଁ ଦରଖାସ୍ତ ଆହ୍ୱାନ କରାଯାଇଅଛି କି ? କେତେ ଦରଖାସ୍ତ, କେଉଁ ନିୟମ ଭିତ୍ତିରେ selection କରାଯିବ । ସେହି ନିୟମର ଜେରକ୍ସ କପି ଯୋଗାଇଦିଅ ।

କ) CDPO କାର୍ଯ୍ୟାଳୟରେ ରହିଥିବା ପରିସଂଖ୍ୟାନ ଅଧିକାରୀ କେତେ ବର୍ଷ ରହିଲେଣି, ସେ ବିଧିବଦ୍ଧ ଦରମା କାର୍ଯ୍ୟାଳୟରୁ ପାଇଲେଣି କି, ଯଦି ହଁ କେବେଠାରୁ ଜଣାଇଦିଅ ।

ଖ) BLCC ରେ କେଉଁମାନେ ସଭ୍ୟ/ସଭ୍ୟା ଅଛନ୍ତି ଜଣାଇଦିଅ । BLCC ର ନିର୍ଦ୍ଧାରିତ କାର୍ଯ୍ୟ ପଦ୍ଧତି କ'ଣ ଜଣାଇଦିଅ । ୨୦୦୯ ମସିହା ଆରମ୍ଭରୁ ଆଦ୍ୟାବଧି BLCC ରେ ଗ୍ରହଣ କରାଯାଇ ପ୍ରସ୍ତାବମାନଙ୍କର ଅବିକଳ ଜେରକ୍ସ ନକଲ ଯୋଗାଇଦିଅ ।

ଗ) ରାଜ୍ୟ ସରକାରଙ୍କ ମହିଳା ଶିଶୁ କଲ୍ୟାଣ ବିଭାଗ ତରଫରୁ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ଓ ପ୍ରାର୍ଥୀ ନିଯୁକ୍ତି ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ଅବିକଳ ଜେରକ୍ସ ନକଲ ଯୋଗାଇଦିଅ । କର୍ମୀ ଚୟନ ନିମନ୍ତେ ସଂଶୋଧିତ ଗାଇଡ୍ ଲାଇନର ଅବିକଳ ଜେରକ୍ସ ନକଲ ଦିଅ ।

ଘ) କେତେ ଜନସଂଖ୍ୟାକୁ ଆଧାର କରି ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯିବାର ସରକାରୀ ନିୟମ ରହିଛି ଜଣାଇଦିଅ । ପୁରୀ ସଦର ବ୍ଲକରେ ଏହି ନିୟମକୁ ଉଲ୍ଲଙ୍ଘନ କରାଯାଇ ନିଜ ଇଚ୍ଛାରେ ନୂତନ କେନ୍ଦ୍ର ତାଲିକା ଅନୁମୋଦନ କରାଯାଇଛି କି ନାହିଁ ଜଣାଇଦିଅ ।

ଙ) ପୁରୀ ସଦର ବ୍ଲକରେ ଚାଲୁଥିବା ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରେ କେତୋଟି କେନ୍ଦ୍ର ନିଜସ୍ୱ ଘରେ ଓ କେତୋଟି ଭଡ଼ାଘରେ, ଭଡ଼ାଘରେ ଚାଲୁଥିବା କେନ୍ଦ୍ର ଗୁଡ଼ିକର ଭଡ଼ା CDPO ଙ୍କ କାର୍ଯ୍ୟାଳୟ ତରଫରୁ ପ୍ରଦାନ କରାଯାଉଛି କି ନାହିଁ ଜଣାଅ ।

ଚ) ବ୍ଲକର ଅଦ୍ୟାବଧି ସମୁଦାୟ କେତୋଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଗୃହ ନିର୍ମାଣ ପାଇଁ କେତେ ଟଙ୍କା ଲେଖାଁଏ ଯୋଗାଇ ଦିଆଯାଇଛି । ସେଥିରୁ କେତୋଟି Complete ଓ କେତୋଟି Incomplete ଅଛି । ଉଭୟର ତାଲିକା ପ୍ରଦାନ କର । ଗୃହ ନିର୍ମାଣ ବାବଦ ଆଉ ଟଙ୍କା CDPO ଙ୍କ ପାଖେ ଗଚ୍ଛିତ ଅଛିକି । ଆଜସୁଦ୍ଧା ଆରମ୍ଭ ଗୃହ ନିର୍ମାଣ ପାଇଁ CDPO ଙ୍କ ପାଖକୁ ସମୁଦାୟ କେତେ ଟଙ୍କା ଆସିଅଛି ଜଣାଇଦିଅ ।

କ୍ରମଶଃ.........ପୃ-୨

ଛ) କେନ୍ଦ୍ର ସରକାରଙ୍କ ଆଦେଶ ଓ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଆଦିବାସୀ ହରିଜନ, ସଂଖ୍ୟାଲଘୁ ସଂପ୍ରଦାୟ ବସବାସ କରୁଥିବା ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନର ନିର୍ଦ୍ଦେଶ ଅଛି, ବ୍ଲକରେ ଏହି ନିୟମ ପରିପାଳନ କରାଯାଇଛି କି ନାହିଁ ଜଣାଅ / କେତୋଟି ହରିଜନ ଆଦିବାସୀ ଅଞ୍ଚଳରେ କେନ୍ଦ୍ର ରହିଛି ତା'ର ତାଲିକା ପ୍ରଦାନ କର ।

ଜ) ବ୍ଲକରେ ସମୁଦାୟ କେତେ ହରିଜନ, ଆଦିବାସୀ ଓ ଭିନ୍ନକ୍ଷମ ସଂପ୍ରଦାୟର ମହିଳା ଅଙ୍ଗନୱାଡ଼ି କର୍ମୀ ଅଛନ୍ତି ତାଙ୍କ ନାମ ଓ ସର୍ଭିସ୍ ଏରିଆ ଜଣାଅ ।

ଝ) ବ୍ଲକରେ କେନ୍ଦ୍ରମାନଙ୍କୁ ଚାଉଳ ଯୋଗାଣ କେବେଠାରୁ ଆରମ୍ଭ କରାଗଲା । ପୁରୀ ସଦର ବ୍ଲକରେ ପ୍ରତ୍ୟେକ କେନ୍ଦ୍ରରେ ରୋଷାଇ ହେଉଛି କି ନାହିଁ ଜଣାଅ / ଗର୍ଭବତୀ ମହିଳା ଆସିକରି ଯାଉଛନ୍ତି କି ନାହିଁ / ବ୍ଲକରେ ସମୁଦାୟ କେନ୍ଦ୍ରରେ କେତେ ପିଲା ଅଛନ୍ତି ଓ କେତେ ଗର୍ଭବତୀ ମହିଳା ହିତାଧିକାରୀ ଜଣାଇଦିଅ ।

ଞ) ପୁରୀ ସଦର ବ୍ଲକରେ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ଖାଦ୍ୟ ହେରଫେର ରୋକିବା ପାଇଁ ଓ ସୁଷମ ବଣ୍ଟନ ପାଇଁ ମା' ଖାଦ୍ୟ କମିଟି ଗଠନ କରାଯାଇଛି କି ନାହିଁ ଜଣାଅ ।

ଟ) ସରକାରଙ୍କ ଦ୍ୱାରା ମାସକୁ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ କ'ଣ କ'ଣ କେତେ ପରିମାଣର, ପରିବହନ ଖର୍ଚ୍ଚ କେତେ, କେତୋଟି କେନ୍ଦ୍ର ପାଇଁ କିଏ ଠିକାଦାର ଯୋଗାଉଅଛି ଜଣାଇଦିଅ ।

ଠ) ଭାଗ୍ୟଶ୍ରୀ ଯୋଜନାରେ ପୁରୀ ସଦର ବ୍ଲକରେ କେତୋଟି ବୀମାଧାରୀ ପରିବାର ଅଛନ୍ତି ସେମାନଙ୍କ ମଧ୍ୟରୁ କେତେ ବିମା ରାଶୀ ପାଇଛନ୍ତି, ଅଦ୍ୟାବଧି ଏହି ଯୋଜନାରେ କିଏ ଉପକୃତ ହୋଇଅଛନ୍ତି ।

ଡ଼) ବୀରପ୍ରତାପପୁରର ଗ୍ରାମପଞ୍ଚାୟତ ଅଧିନସ୍ଥ ବସନ୍ତ ପାଟଣା ଗ୍ରାମରେ ଚାଲୁଥିବା ଅଙ୍ଗନାୱାଡ଼ି କେନ୍ଦ୍ର ପାଇଁ କେବେ ଇଣ୍ଟରଭ୍ୟୁ କରାଯାଇଥିଲା । ସେଥିପାଇଁ କେତେଜଣ ପ୍ରାର୍ଥୀନୀ ଦରଖାସ୍ତ କରିଥିଲେ, ସେ ସମସ୍ତଙ୍କ ତରଫରୁ ଦାଖଲ କରାଯାଇଥିବା ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜାତିଗତ ପ୍ରମାଣ ପତ୍ରର ଜେରକ୍ସ ନକଲ ଯୋଗାଇଦିଅ ।

ଢ଼) ଉକ୍ତ କେନ୍ଦ୍ର ପାଇଁ ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥିନୀମାନଙ୍କ ମଧ୍ୟରୁ କାହାର କେତେ ପରସେଣ୍ଟ ରହିଥିଲା ଓ କିଏ କେଉଁ ବାବଦରେ କେତେ ନମ୍ବର ପାଇଥିଲେ । କିଏ ସର୍ବୋଚ୍ଚ ନମ୍ବର ରଖି ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଥିଲା, ସେ ସମସ୍ତ ବିବରଣୀ ଜଣାଇଦିଅ / ଇଣ୍ଟରଭ୍ୟୁ କରିବା ପାଇଁ ସି. ଡ଼ି. ପି. ଓ. ଙ୍କ କାର୍ଯ୍ୟାଳୟରୁ କିଏ ଆସିଥିଲେ ଜଣାଅ ।

ଣ) ଉକ୍ତ ଅଙ୍ଗନୱାଡ଼ିର ସେବାକ୍ଷେତ୍ର (ସର୍ଭିସ ଏରିଆ) ର ବିବରଣୀ ଦିଅ ।

କ୍ରମଶଃ.........ପୃ-୩